## ଶିଶୁ ବିକାଶ ଓ ଶିକ୍ଷାବିଜ୍ଞାନ

## CHILD DEVELOPMENT AND PEDAGOGY

ପ୍ରତ୍ୟେକ ପ୍ରଶ୍ନର ଚାରୋଟି ବିକଳ୍ପ ଦିଆଯାଉଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ଦ୍ଦରେ ସଂଯୁକ୍ତ ବୃତ୍ତଟିକୁ କଳା/ନୀଳ ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ଭାବେ କଳା କର ।

Each question has four alternatives. Choose the correct one from among them and darken the appropriate circle completely in the OMR Sheet with Blue/Black ball point pen.

1. ଶବ୍ଦାର୍ଥ ସ୍ମୃତିକ୍ଷେତ୍ରରେ କେଉଁଟି ସଠିକ ଅଟେ ?

(A) ଗାଣିତିକ୍ ସୂତ୍ର ବ୍ୟବହାର ପାଇଁ ସ୍ମରଣର ଆବଶ୍ୟକତା

(B) ଭାଷାର ବ୍ୟବହାର ପାଇଁ ସ୍ମରଣର ଆବଶ୍ୟକତା

(C) ସ୍ଥାନସମ୍ପର୍କର ବ୍ୟବହାର୍ ପାଇଁ ସ୍ମରଣର ଆବଶ୍ୟକତା

(D) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

2. ନିମ୍ନୋକ୍ତ ପ୍ରତିରୂପଣର କେଉଁଟି ମନସ୍ତାତ୍ତ୍ୱିକ ପ୍ରକ୍ରିୟା ନୁହେଁ ?

(A) ମନଯୋଗ, ପରିଚୟକରଣ, ଚିହ୍ନଟିକରଣ

(B) ପ୍ରଜନନ, ପ୍ରତିଧାରଣ, ଅନ୍ତଃକରଣ

(C) ପୁନଃବଳନ, ପରିଚିତିକରଣ, ମନଯୋଗ

(D) ପ୍ରତିଧାରଣ, ସାବ୍ୟସ୍ତକରଣ, ଆନ୍ତଃକରଣ

3. କେଉଁଟି କିଶୋର ମାନଙ୍କର ଆବେଗିତ ବିଶୃଙ୍ଖଳାର ଲକ୍ଷଣ ଭାବରେ ପରିଦୃଷ୍ଟ ହୁଏ ନାହିଁ ?

(A) ନଖ କାମୁଡ଼ିବା

(B) ବୃଦ୍ଧ ଆଙ୍ଗୁଳି ଚୁଚୁମିବା

(C) ଠିକ ପୋଷାକ ପରିଧାନ କରିବା

(D) ବାଳକୁ ଟାଣିବା

1. Which is true in case of 'Semantic Memory' ?

(A) Memory necessary for the use of mathematical formula

(B) Memory necessary for the use of language

(C) Memory necessary for the use of space relation

(D) None of these

2. Which one of the following is not a psychological process of modelling ?

(A) Attention, recognition, identification

(B) Reproduction, retention, internalisation

(C) Reinforcement, recognition, attention

(D) Retention, verification, internalisation

3. Which is not found in the symptoms of emotional disturbances of adolescents ?

(A) Nail-biting

(B) Thumb-sucking

(C) Wearing well-fitted dress

(D) Pulling the hair

4. ଜଣେ ସଂଗଠନବାଦୀ ଶିକ୍ଷକଙ୍କପାଇଁ କେଉଁଟି ସଠିକ୍ ନୁହେଁ ?

(A) ଶିକ୍ଷାର୍ଥୀମାନଙ୍କ ପାଇଁ ସମସ୍ୟା ସ୍ଥିର କରନ୍ତି ଓ ଅନୁସନ୍ଧିତ୍ସୁ ପାଇଁ ପରାମର୍ଶ ଦେଇଥାନ୍ତି

(B) ଶିକ୍ଷାର୍ଥୀମାନଙ୍କୁ ବୋଧ ଶକ୍ତିର ବିକାଶ ପାଇଁ ଉତ୍ସାହିତ କରନ୍ତି ନାହିଁ

(C) ଶିକ୍ଷଣ ପାଇଁ କ୍ୱଚିତ୍ ପୃଷ୍ଠଭୂମି ସୃଷ୍ଟି କରିଥାନ୍ତି

(D) ଶିକ୍ଷଣର ବହୁବିଧ ବ୍ୟାଖ୍ୟାକରଣ ପାଇଁ ଅନୁମତି ପ୍ରଦାନ କରିଥାନ୍ତି

5. କେଉଁ କାର୍ଯ୍ୟକ୍ରମର ନାମଗତ ଶବ୍ଦମାନଙ୍କର ପ୍ରଥମ ଅକ୍ଷରକୁ ନେଇ LATS ଗଠିତ ?

(A) Learning Assessment Transferring Scheme

(B) Learners' Achievement Testing System

(C) Learning Achievement Tracking System

(D) Learning Activity Testing System

6. ଗୋଟିଏ ପରୀକ୍ଷଣର ବିଶ୍ୱସନୀୟତାରେ ଆଭ୍ୟନ୍ତରୀଣ ସୁସଂଗତି ନିର୍ଦ୍ଧାରଣ କରିବାପାଇଁ କେଉଁ ପଦ୍ଧତିଟି ଉପଯୋଗୀ ?

(A) ଅର୍ଦ୍ଧ ବିଭାଜନ ପଦ୍ଧତି

(B) ପରୀକ୍ଷଣ-ପୁନଃପରୀକ୍ଷଣ ପଦ୍ଧତି

(C) ଅର୍ଦ୍ଧ ବିଭାଜନ ଏବଂ ପରୀକ୍ଷଣ-ପୁନଃପରୀକ୍ଷଣ ପଦ୍ଧତି

(D) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

4. Which of the following is not true for a constructivist teacher ?

(A) Sets up problems and monitors students' exploration

(B) Does not discourage students to develop understanding

(C) Hardly creates a context for learning

(D) Allows multiple interpretations of learning

5. What does the acronym LATS stand for ?

(A) Learning Assessment Transferring Scheme

(B) Learners' Achievement Testing System

(C) Learning Achievement Tracking System

(D) Learning Activity Testing System

6. The most common method of estimating internal consistency of a test reliability is the

(A) Split-half method

(B) Test-retest method

(C) Both split-half and test-retest method

(D) None of these



( Turn over )

7. ମାନକୀ ପରୀକ୍ଷଣର କେଉଁ ଗୁଣଗୁଡ଼ିକ ଅଛି ?

(A) ବୈଧତା, ବିଶ୍ୱସନୀୟତା ଓ ଉପଯୋଗିତା

(B) ବିଶ୍ୱସନୀୟତା, ନମନୀୟତା ଓ ବୈଧତା

(C) ଉପଯୋଗିତା, ବ୍ୟକ୍ତିନିଷ୍ଠତା ଓ ବିଶ୍ୱସନୀୟତା

(D) ବୈଧତା, ନମନୀୟତା ଓ ଉପଯୋଗିତା

8. ପରିସଂଖ୍ୟାନର ଅଧିକ ସ୍ଥିରତା ଆଣିବାପାଇଁ ନିମ୍ନୋକ୍ତ କେଉଁ ବିଚ୍ୟୁତି ମାପକ ବ୍ୟବହାର କରାଯାଇଥାଏ ?

(A) ମାଧ୍ୟ ବିଚ୍ୟୁତି

(B) ମାନକ ବିଚ୍ୟୁତି

(C) ଚତୁର୍ଥାଂଶକ ବିଚ୍ୟୁତି

(D) ବିସ୍ତୃତି

9. ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ପ୍ରତ୍ୟେକ ବ୍ୟକ୍ତିଗତ ଲବ୍ଧାଙ୍କରେ ଯୋଗ କରାଯାଏ, ତାହାର ମାଧ୍ୟମୂଲ୍ୟ ଉପରେ କି ପ୍ରକାର ପ୍ରଭାବ ପକାଇଥାଏ ?

(A) ମାଧ୍ୟମୂଲ୍ୟ ସେହି ସଂଖ୍ୟା ଦ୍ୱାରା ଯୋଗ ହୁଏ

(B) ମାଧ୍ୟମୂଲ୍ୟରୁ ସେହି ସଂଖ୍ୟା ବିୟୋଗ କରାଯାଏ

(C) ମାଧ୍ୟମୂଲ୍ୟ ସେହି ସଂଖ୍ୟା ଗୁଣନ କରାଯାଏ

(D) ମାଧ୍ୟମୂଲ୍ୟରେ ସେହି ସଂଖ୍ୟା ଭାଗ କରାଯାଏ

7. What qualities do a standardised test have ?

(A) Validity, Reliability and Usability

(B) Reliability, Flexibility and Validity

(C) Usability, Subjectivity and Reliability

(D) Validity, Flexibility and Usability

8. Which of the following measures of variability is used when the statistics having the greatest stability is sought ?

(A) Mean Deviation

(B) Standard Deviation

(C) Quartile Deviation

(D) Range

9. When a constant figure is added to each individual score, what will be the effect on mean value ?

(A) Mean value will be added by the same figure

(B) Mean value will be subtracted by the same figure

(C) Mean value will be multiplied by the same figure

(D) Mean value will be divided by the same figure



( Continued )

10. ଅଣବର୍ଗୀକୃତ ତଥ୍ୟାବଳୀର ମାନକ ବିଚ୍ୟୁତି ମୂଲ୍ୟ ନିର୍ଦ୍ଧାରଣର ସୂତ୍ର କେଉଁଟି ?

(A) $\sqrt{\frac{\sum D^2}{N}}$

(B) $\frac{\sum D^2}{N}$

(C) $\sqrt{\frac{\sum N}{D^2}}$

(D) $\frac{\sum D}{N}$

11. ପ୍ରଦତ୍ତ ଲବ୍ଧାଙ୍କ ମାନଙ୍କର ଗରିଷ୍ଠକ ମୂଲ୍ୟ କେତେ ?

8, 8, 4, 3, 4, 8, 5, 5

(A) 3
(B) 4
(C) 5
(D) 8

12. କେଉଁ ଉକ୍ତିଟି ଠିକ ?

(A) ଲବ୍ଧାଙ୍କ ଗୁଡ଼ିକ ଉର୍ଦ୍ଧ୍ୱକ୍ରମ ବା ଅର୍ଦ୍ଧକ୍ରମରେ ସଜାଇଲା ପରେ ମଧ୍ୟମା ବିତରଣର ଠିକ ମଧ୍ୟଭାଗରେ ଅବସ୍ଥାପିତ ହୁଏ

(B) ପ୍ରାପ୍ତ ଲବ୍ଧାଙ୍କ ଗୁଡ଼ିକର ମୂଲ୍ୟ ପରିବର୍ତ୍ତନରେ ମଧ୍ୟମା ପରିବର୍ତ୍ତିତ ରହେ

(C) ବିବରଣରେ ଲବ୍ଧାଙ୍କ ଗୁଡ଼ିକ ଅତି ବଡ଼ ବା ଅତି ଛୋଟ ହୋଇଥିଲେ ମଧ୍ୟମା ଅପେକ୍ଷା ମାଧ୍ୟମାନ ଅତି ଉପଯୋଗୀ ଅଟେ

(D) ଅନ୍ୟାନ୍ୟ ପରିସଂଖ୍ୟାନ ମୂଲ୍ୟ ନିରୂପଣ କଲାବେଳେ ମଧ୍ୟମାର ବ୍ୟବହାର କରାଯାଇଥାଏ

**10. Which formula is used to determine the value of standard deviation of ungrouped data ?**

(A) $\sqrt{\frac{\sum D^2}{N}}$

(B) $\frac{\sum D^2}{N}$

(C) $\sqrt{\frac{\sum N}{D^2}}$

(D) $\frac{\sum D}{N}$

11. What is the mode value of the given scores ?

8, 8, 4, 3, 4, 8, 5, 5

(A) 3
(B) 4
(C) 5
(D) 8

12. Which statement is correct ?

(A) Median lies at the midpoint of a series when scores are arranged either in ascending or descending order

(B) Median value remains changed in the change of obtained scores

(C) If the distribution of scores becomes very small or very big, mean becomes more useful than median

(D) Median is used in the calculation of other statistical values

13. ନିମ୍ନଲିଖିତ ତଥ୍ୟାବଳୀର ମଧ୍ୟମା ମୂଲ୍ୟ କେତେ ?

18, 26, 15, 20, 23, 15, 9, 21, 12, 24

(A) 19

(B) 18

(C) 17

(D) 15

14. ଯେତେବେଳେ ଏକ ନୂତନ ପରୀକ୍ଷଣର ଲବ୍ଧାଙ୍କ ଗୁଡ଼ିକୁ ଏକ ମାନକ ସୂଚକ ଲଭ୍ୟାଙ୍କ ପରୀକ୍ଷଣର ଲବ୍ଧାଙ୍କ ମାନଙ୍କ ସହିତ ସହ-ସମ୍ବନ୍ଧ ସ୍ଥାପନ କରାଯାଏ, ସେତେବେଳେ କେଉଁ ପ୍ରକାରର ବୈଧତା ନିରୂପଣ ଆବଶ୍ୟକ ହୋଇଥାଏ ?

(A) ସହବର୍ତ୍ତୀ

(B) ରଚନାତ୍ମକ

(C) ଅଭ୍ୟାସ ବୈଧତା

(D) ଅନ୍ତର୍ବସ୍ତୁ ବୈଧତା

15. ଶୈକ୍ଷିକ କାର୍ଯ୍ୟକ୍ରମ କ୍ଷେତ୍ରରେ ଶିକ୍ଷାର୍ଥୀର ପ୍ରଗତି ଲିପିବଦ୍ଧ କରିବାପାଇଁ ନିମ୍ନୋକ୍ତ ମାପନୀ ମଧ୍ୟରୁ କେଉଁଟି ବ୍ୟବହାର କରା ଯାଇଥାଏ ?

(A) 4-ପଏଣ୍ଟ ମାପନୀ

(B) 5-ପଏଣ୍ଟ ମାପନୀ

(C) 3-ପଏଣ୍ଟ ମାପନୀ

(D) 6-ପଏଣ୍ଟ ମାପନୀ

13. What is the median value of the following data ?

18, 26, 15, 20, 23, 15, 9, 21, 12, 24

(A) 19

(B) 18

(C) 17

(D) 15

14. When the scores on a newly constructed test are correlated with scores on a standardised test, then which type of validity needs to be calculated ?

(A) Concurrent

(B) Construct

(C) Face

(D) Content

15. Which one of the following scales is used to record the progress of the learners in curricular areas ?

(A) 4-point scale

(B) 5-point scale

(C) 3-point scale

(D) 6-point scale

16. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଲବ୍ଧାଙ୍କ ଗାଇଡ ଭାବେ ବ୍ୟବହାର କରା ଯାଇପାରିବ ?

(A) ପୋର୍ଟ ଫୋଲିଓ

(B) ପର୍ଯ୍ୟବେକ୍ଷଣ

(C) ଚେକଲିଷ୍ଟ

(D) ରୁବ୍ରିକ୍

17. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପାଠ୍ୟକ୍ରମ ସଂଗଠନର ନୀତି ନୁହେଁ ?

(A) ସହସମ୍ବନ୍ଧ

(B) କାର୍ଯ୍ୟ

(C) କୌଶଳରେ ସାଧନ

(D) ଉପଯୋଗିତା

18. 'ଡିସ୍‌ପେଡାଗୋଜିଆ' ନିମ୍ନୋକ୍ତ ମଧ୍ୟରୁ କାହା ସହିତ ସମ୍ପର୍କିତ ?

(A) ଉତ୍ତମ ଶିକ୍ଷାଦାନର ଅଭାବ

(B) ଉତ୍ତମ ପରିବେଶର ଅଭାବ

(C) ଶିକ୍ଷାର୍ଥୀପାଇଁ ଉତ୍ତମ ପାଠ୍ୟକ୍ରମର ଅଭାବ

(D) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

16. Which of the following tools could be used as a scoring guide ?

(A) Portfolio

(B) Observation

(C) Checklist

(D) Rubric

17. Which of the following is not a principle of curriculum organisation ?

(A) Correlation

(B) Activity

(C) Manipulation

(D) Utility

18. 'Dyspedagogia' is related to

(A) lack of good teaching

(B) lack of good environment

(C) lack of curriculum for the child

(D) None of these

19. "ଶବ୍ଦ ସବୁ ଭାବ ଓ ଆନ୍ତଃବକ୍ତୃତା ଓ ଭାଷାସହ ଜଡ଼ିତ" – ଏ ଉକ୍ତିଟି କାହାର ?

(A) ଭାଇଓସ୍କି

(B) ପିଆଜେ

(C) ନୋଭାକ୍

(D) ଗ୍ଲାସର ଫ୍ଲେଡ୍

20. ନିମ୍ନୋକ୍ତ ମଧ୍ୟରୁ ସୃଜନଶୀଳ ଶିକ୍ଷାର୍ଥୀଠାରେ କେଉଁ ଗୁଣଟି ନ ଥାଏ ?

(A) ଜିଜ୍ଞାସୁ

(B) ଦୂରଦୃଷ୍ଟି ସମ୍ପନ୍ନ

(C) ଅନ୍ତଃ ପ୍ରଜ୍ଞାତ୍ମକ

(D) ବିପଦର ସମ୍ମୁଖିନ ହେବାପାଇଁ ଅନିଚ୍ଛା ପ୍ରକାଶ କରିବା

21. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷଣ କ୍ଷେତ୍ରରେ ଅଭିପ୍ରେରଣାର କାର୍ଯ୍ୟ ନୁହେଁ ?

(A) ପରୀକ୍ଷାରେ ଅଧିକ ନମ୍ବର ରଖିବା

(B) ଆଚରଣକୁ ଲକ୍ଷ୍ୟାଭିମୁଖୀ କରିବା

(C) ଶିଶୁକୁ ଶିକ୍ଷଣପାଇଁ ସକ୍ରିୟ କରିବା

(D) ଆଚରଣକୁ ଶୃଙ୍ଖଳିତ କରିବା

19. "Words are structured with sense, inner speech and language." — Who stated it ?

(A) Vygotsky

(B) Piaget

(C) Novak

(D) Glaserfled

20. What characteristic is not found in creative students ?

(A) Curious

(B) Visionary

(C) Intuitive

(D) Unwilling to take risk

21. Which of the following is not a function of motivation in the field of learning ?

(A) To secure more marks in the examination

(B) To make the behaviour goal-oriented

(C) To make the child active for learning

(D) To make the behaviour disciplined



*( Continued )*

22. କେଉଁ ଶିକ୍ଷଣ ତତ୍ତ୍ୱ ପୂର୍ଣାଙ୍ଗରୁ ଆଂଶିକ ଶିକ୍ଷଣ ନୀତିକୁ ଗୁରୁତ୍ୱ ଦେଇଥାଏ ?

(A) ଶାସ୍ତ୍ରୀୟ ଅନୁବନ୍ଧନ

(B) ଅନ୍ତର୍ଦୃଷ୍ଟି ଶିକ୍ଷଣ

(C) କ୍ରିୟାତ୍ମକ ଅନୁବନ୍ଧନ

(D) ପ୍ରଯତ୍ନ ପ୍ରମାଦ

23. କେଉଁଟି କିଶୋରମାନଙ୍କର ସାମାଜିକ ଆବଶ୍ୟକତା ଅଟେ ?

(A) ଅମ୍ଳଜାନ

(B) ଲିଙ୍ଗ

(C) କ୍ଷୁଧାର୍ତ୍ତ

(D) ନିରାପତ୍ତା

24. ନିମ୍ନୋକ୍ତ କେଉଁଟି କିଶୋରମାନଙ୍କର ସମସ୍ୟା ନୁହେଁ ?

(A) ଠକେଇବା, ଚୋରି କରିବା, ସ୍କୁଲ ନ ଯାଇ ଲୁଚିବା

(B) ସ୍କୁଲ ନ ଯାଇ ଲୁଚିବା, ଅତ୍ୟଧିକ ଦିବାସ୍ୱପ୍ନ ଦେଖିବା, ଅତ୍ୟଧିକ ଚିନ୍ତାଶୀଳ ହେବା

(C) ଠକେଇବା, ଇର୍ଷା, ଚୋରି କରିବା

(D) ଅତ୍ୟଧିକ ଅଯତ୍ନବାନ, ଠକେଇବା, ଛୋଟକଥାରେ ନୈରାଶ୍ୟ ହେବା

22. Which learning theory emphasises learning from whole to part ?

(A) Classical conditioning

(B) Insightful learning

(C) Operant conditioning

(D) Trial and Error

23. Which is the social need of adolescents ?

(A) Oxygen

(B) Sex

(C) Hunger

(D) Security

24. Which one of the following groups is not a problem of the adolescents ?

(A) Cheating, stealing, truancy

(B) Truancy, excessive day dreaming, excessive thoughtful

(C) Cheating, jealousy, stealing

(D) Excessive carelessness, cheating, getting disappointed over silly matters

25. "ଚୋରି କରିବା ଏକ ମନ୍ଦ କାର୍ଯ୍ୟ ବୋଲି ବିବେଚନା କରାଯାଇଥାଏ କାରଣ ଏହା ସମାଜ ଦ୍ୱାରା ମନ୍ଦ ବୋଲି ବିବେଚନା କରାଯାଇଥାଏ" – ଏହା ନିମ୍ନପ୍ରଦତ୍ତ କେଉଁ ନୈତିକ ସ୍ତରକୁ ବୁଝାଏ ?

(A) ପ୍ରାକ୍‌ନୈତିକ

(B) ପାରମ୍ପରିକ ନୈତିକ

(C) ସ୍ୱନୈତିକ

(D) ଉପରୋକ୍ତ ସମସ୍ତ

26. ବ୍ୟକ୍ତି ବସ୍ତୁ ନିର୍ବାହ କରୁଥିବା କାର୍ଯ୍ୟକୁ କ'ଣ ବୋଲି କୁହାଯାଏ ?

(A) ଅନ୍ତଃରଚନା

(B) ଆତ୍ମୀକରଣ

(C) ଉପଯୋଜନ

(D) ସନ୍ତୁଳନ

27. ଜଣେ ବ୍ୟକ୍ତିର ଦୁଇ ବା ତତୋଧିକ ଦକ୍ଷତା ମଧ୍ୟରେ ଥିବା ପାର୍ଥକ୍ୟତା କ'ଣ ଭାବରେ ପରିଚିତ ଅଟେ ?

(A) ଆନ୍ତଃ ବ୍ୟକ୍ତିଗତ ପାର୍ଥକ୍ୟତା

(B) ଆଭ୍ୟନ୍ତରୀଣ ବ୍ୟକ୍ତିଗତ ପାର୍ଥକ୍ୟତା

(C) ବହୁବିଧ ପରିସରଭିତ୍ତିକ ବ୍ୟକ୍ତିଗତ ପାର୍ଥକ୍ୟତା

(D) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

25. "Stealing would be judged wrong because it is considered wrong by the society." — To which level of moral development does it belong ?

(A) Pre-moral

(B) Conventional morality

(C) Self-accepted moral principle

(D) All of these

26. The activities that people perform on objects are known as

(A) Schemas

(B) Assimilation

(C) Accommodation

(D) Equilibrium

27. The difference that exists between two or more abilities within the individual is known as :

(A) Inter-individual differences

(B) Intra-individual differences

(C) Multi-area individual differences

(D) None of these



( Continued )

28. ସୃଜନଶୀଳ ଶିକ୍ଷାର୍ଥୀଙ୍କ ଠାରେ କେଉଁ ଗୁଣ ଦେଖାଯାଏ ?

(A) ବହୁମୁଖୀ ଚିନ୍ତନ

(B) ମୌଳିକତା

(C) ସ୍ୱାଧୀନ ଚିନ୍ତନ

(D) ଉପରୋକ୍ତ ସମସ୍ତ

29. ପିଆଜେଙ୍କ ମତାନୁସାରେ ନିମ୍ନୋକ୍ତ ମଧ୍ୟରୁ କେଉଁ ପର୍ଯ୍ୟାୟଟି ସ୍ଥୂଳ ସଂକାର୍ଯ୍ୟ ପର୍ଯ୍ୟାୟ ଅଟେ ?

(A) ଶୈଶବ

(B) ବାଲ୍ୟାବସ୍ଥା

(C) ପରବର୍ତ୍ତୀ ବାଲ୍ୟାବସ୍ଥା

(D) କୈଶୋରାବସ୍ଥା

30. ଶିକ୍ଷଣ ସାଧାରଣତଃ ଯେ କୌଣସି ଆଚରଣଗତ ପରିବର୍ତ୍ତନକୁ ବୁଝାଏ ଯାହା କେଉଁ ଘଟଣାଯୋଗୁଁ ଘଟିଥାଏ ?

(A) ପରିପକ୍ୱତା

(B) ଅନୁଭୂତି

(C) ବୃଦ୍ଧି

(D) ବିକାଶ

28. What characteristic is found in creative children ?

(A) Divergent thinking

(B) Originality

(C) Independent thinking

(D) All of these

29. Which of the following stages is called as 'Concrete Operational Stage' according to Piaget ?

(A) Infancy

(B) Childhood

(C) Late childhood

(D) Adolescence

30. Learning generally refers to any changes in behaviour that result due to

(A) Maturation

(B) Experience

(C) Growth

(D) Development

## M.I.L. (ODIA)

31. କେଉଁଟି ଶବ୍ଦଟିର ଶୁଦ୍ଧ ରୂପ ?

(A) ନିରୋଦ (B) ନୀରୋଦ

(C) ନୀରଦ (D) ନିରଦ

32. 'ଗରୀୟାନ୍' ଶବ୍ଦର ପ୍ରକୃତି ପ୍ରତ୍ୟୟ କ'ଣ ହେବ ?

(A) ଗୁରୁ + ଇୟାନ (B) ଗୁରୁ + ଇୟସ୍

(C) ଗରି + ଇୟାନ୍ (D) ଗରୀୟ + ଆନ୍

33. 'ପ୍ରତିକୂଳ' ଶବ୍ଦରେ କେଉଁ ଅର୍ଥରେ 'ପ୍ରତି' ଉପସର୍ଗ ବ୍ୟବହୃତ ?

(A) ବିପରୀତ (B) ସମୀପ

(C) ସାଦୃଶ୍ୟ (D) ସମାନ

34. 'ଇଷତ୍' – ଏହା କେଉଁ ପଦ ?

(A) କ୍ରିୟା (B) ଅବ୍ୟୟ

(C) ସର୍ବନାମ (D) ବିଶେଷଣ

35. 'ଆଖୁ କିଆରିରେ ପଶିବା' ରୂଢ଼ିଟିର ଅର୍ଥ କ'ଣ ?

(A) କୌଣସି କାର୍ଯ୍ୟ ନିର୍ଣ୍ଣୟ କରି ନ ପାରିବା

(B) ଟିକିନିଖି ପରୀକ୍ଷା କରିବା

(C) ସଂକଟରେ ପଡ଼ିବା

(D) ନିରର୍ଥକ ପରିଶ୍ରମ କରିବା

36. ମୁହୁର୍ମୁହୁ ମୀନ ନୟନେ - ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ବିକଳ୍ପାର୍ଥକ (B) ବୀପ୍ସାର୍ଥକ

(C) ସାଦୃଶ୍ୟାର୍ଥକ (D) ସମ୍ମତିସୂଚକ

37. କେଉଁଟି ପବନ ଶବ୍ଦର ପ୍ରତିଶବ୍ଦ ନୁହେଁ ?

(A) ପ୍ରଭଞ୍ଜନ (B) ଗନ୍ଧବହ

(C) ଅନୀଳ (D) ବାତ

38. 'ବିଷମ' ଶବ୍ଦର ବିପରୀତ ଶବ୍ଦଟି କ'ଣ ?

(A) ବନ୍ଧୁର (B) ଅସମ

(C) ବିଷମତା (D) ସମ

**ଅନୁଚ୍ଛେଦଟି ପାଠ କରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ( ପ୍ରଶ୍ନ ନଂ. 39 ରୁ 43 ପର୍ଯ୍ୟନ୍ତ ) ଉତ୍ତର ଦିଅ :**

ଆମେରିକାନମାନଙ୍କୁ ପୁଞ୍ଜିବାଦୀ-ଜଡ଼ବାଦୀ ଆଖ୍ୟାଦେଇ ତାଙ୍କ ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାକୁ ହେୟଜ୍ଞାନ କରିବା ବଡ଼ ସହଜ କଥା, କିନ୍ତୁ ଯେଉଁ ଭିତ୍ତି ଉପରେ ଯୁକ୍ତରାଷ୍ଟ୍ରର ଐହିକ ସମ୍ପଦ ପ୍ରତିଷ୍ଠିତ ଏବଂ ଯେଉଁ ସବୁ କାରଣରୁ ତାହା ଏପରି ସାଫଲ୍ୟମଣ୍ଡିତ, ସେ କାରଣଗୁଡ଼ିକ ଅନ୍ୱେଷଣ କରିବା ଦରକାର । ମଣିଷ ରୁଟି ବିନା ବଞ୍ଚି ପାରିବ ନାହିଁ, କିମ୍ବା ଖାଲି ଭୁଞ୍ଜିବା ନିମିତ୍ତ ବଞ୍ଚି ରହିବା ଜୀବନର ଏକମାତ୍ର ଲକ୍ଷ୍ୟ ନୁହେଁ । ମଣିଷ ସମାଜର ବିକାଶ କ୍ରମରେ ଏପରି ଅବସ୍ଥା ଆସେ, ଯେତେବେଳେ କି ମଣିଷ ମାତ୍ରେ କଳା-ସଂଗୀତ-ସ୍ଥାପତ୍ୟ-ଭାସ୍କର୍ଯ୍ୟ ପ୍ରତି ଆଗ୍ରହୀ ହୋଇ ଉଠନ୍ତି । ଯେଉଁ ଦେଶରେ ଜୀବନଧାରଣୋପଯୋଗୀ ନିତ୍ୟନୈମିତ୍ତିକ ପଦାର୍ଥ ଭରପୁର ହୋଇ ରହିଛି, ସେ ଦେଶ ଓ ସେ ସମାଜରେ ସ୍ୱତଃ ଅନେକ ଲୋକ କଳା-ସଂସ୍କୃତି ଚର୍ଚ୍ଚା ମାଧ୍ୟମରେ ଉନ୍ନତ ଜୀବନୋପଲବ୍ଧି ପ୍ରତି ଆକୃଷ୍ଟ ହୋଇଉଠିବା ସ୍ୱାଭାବିକ କଥା । ବିଂଶ ...ରେ ଯୁକ୍ତରାଷ୍ଟ୍ରର ଅବସ୍ଥା ଠିକ ଏଇଆ । ଯୁକ୍ତରାଷ୍ଟ୍ରରେ ଫଳିତ ବିଜ୍ଞାନ ଓ ଟେକନୋଲଜିର

ଯନ୍ତ୍ରୋପଯୋଗହେତୁ ଅନ୍ନ ବସ୍ତ୍ର ସମସ୍ୟାର ଅତି ସହଜ ସମାଧାନ ହୋଇଯାଇଛି । ଏ ଦେଶର ସାମାଜିକ ଓ ରାଜନୈତିକ ବ୍ୟବସ୍ଥାର ଲକ୍ଷ୍ୟ ହେଉଛି, ଆର୍ଥିକ ସ୍ୱଚ୍ଛଳତାର ଭିତ୍ତି ସୁଦୃଢ଼ କରାଇ ସାରିବାପରେ, ଶିକ୍ଷା, ସଂସ୍କୃତି ଓ ସୂକ୍ଷ୍ମକଳା ପ୍ରତି ଆଗ୍ରହୀ ସୁନାଗରିକ ସୃଷ୍ଟି କରାଇବାକୁ ହେବ । ସଭ୍ୟତାର ପ୍ରଗତିଲାଗି ଶିକ୍ଷା ଓ ସଂସ୍କୃତିର ବିକାଶ ସର୍ବାଗ୍ରେ ଲୋଡ଼ା । ଯୁକ୍ତରାଷ୍ଟ୍ରର ସାମାଜିକ ଅଭ୍ୟୁଦୟ ଏପରି ଅବସ୍ଥାରେ ପହଞ୍ଚିଲାଣି ଯେ ସେଥିରେ ସଂସ୍କୃତି ପ୍ରସାର ଅଗ୍ରାଧିକାର ଲାଭ କରିଛି ।

39. ଜୀବନର ଏକମାତ୍ର ଲକ୍ଷ୍ୟ କ'ଣ ନୁହେଁ ?

(A) ଧନୀ ହେବାପାଇଁ ଚେଷ୍ଟା କରିବା (B) ଖାଇବାପାଇଁ ବଞ୍ଚି ରହିବା

(C) ଭୋଗବିଳାସରେ ମାତିବା (D) ଅନ୍ନ ବସ୍ତ୍ର ସମସ୍ୟାକୁ ଦୂର କରିବା

40. କେଉଁ ଭଳି ଦେଶର ଲୋକେ ଉନ୍ନତ ଜୀବନୋପଲବ୍ଧି ପ୍ରତି ସ୍ୱତଃ ଆକୃଷ୍ଟ ହୋଇଥାନ୍ତି ?

(A) ଶିକ୍ଷାକ୍ଷେତ୍ରରେ ଉନ୍ନତି କରିଥିବା ଦେଶ

(B) ସଂସ୍କୃତିର ପ୍ରସାରପାଇଁ ଯତ୍ନଶୀଳ ଦେଶ

(C) ଜୀବନଧାରଣପାଇଁ ଆବଶ୍ୟକ ବସ୍ତୁର ପ୍ରାଚୁର୍ଯ୍ୟଥିବା ଦେଶ

(D) କଳା ପ୍ରତି ଆକର୍ଷଣ ସୃଷ୍ଟି କରୁଥିବା ଦେଶ

41. ଯୁକ୍ତରାଷ୍ଟ୍ରରେ ଅନ୍ନ ବସ୍ତ୍ର ସମସ୍ୟାର ସହଜ ସମାଧାନ କିପରି ହୋଇପାରିଛି ?

(A) ଫଳିତ ବିଜ୍ଞାନ ଓ ବୈଷୟିକ କୌଶଳ ଉପଯୋଗ ଦ୍ୱାରା

(B) ଉନ୍ନତ କୃଷି ପ୍ରଣାଳୀ ଦ୍ୱାରା

(C) ଶିଳ୍ପ ପ୍ରସାର ଦ୍ୱାରା

(D) ବାଣିଜ୍ୟିକ କାରବାର ବୃଦ୍ଧି ଦ୍ୱାରା

42. ସଭ୍ୟତାର ପ୍ରଗତି ଲାଗି ସର୍ବପ୍ରଥମେ କାହାର ବିକାଶ ଆବଶ୍ୟକ ?

(A) ବିଜ୍ଞାନର (B) ଶିଳ୍ପର

(C) ଟେକ୍‌ନୋଲଜିର (D) ଶିକ୍ଷା ଓ ସଂସ୍କୃତିର

*(Continued)*

43. ଯୁକ୍ତରାଷ୍ଟ୍ରର ଅଭ୍ୟୁଦିତ ସାମାଜିକ ବ୍ୟବସ୍ଥାରେ କ'ଣ ଅଗ୍ରାଧିକାର ଲାଭ କରିଛି ?

(A) ସଂସ୍କୃତି ପ୍ରସାର (B) ଅନ୍ନ ବସ୍ତ୍ରର ବ୍ୟବସ୍ଥା

(C) ଶିଳ୍ପ ପ୍ରସାର (D) ସମାଜ ସଂସ୍କାର

44. କେଉଁଟି ଗୋପୀନାଥ ମହାନ୍ତିଙ୍କ ରଚନା ନୁହେଁ ?

(A) ଅପହଞ୍ଚ (B) ମାଟିମଟାଳ

(C) ରାହୁର ଛାୟା (D) ଅନ୍ଧ ଦିଗନ୍ତ

45. କେଉଁଟି ଅଭିବ୍ୟକ୍ତିମୂଳକ ପ୍ରଶ୍ନ ?

(A) 'ପ୍ରତିଷେଧକ' ଶବ୍ଦକୁ ବାକ୍ୟରେ ବ୍ୟବହାର କର ।

(B) 'ହାତୀ' ଶବ୍ଦର ଦୁଇଟି ପ୍ରତିଶବ୍ଦ ଲେଖ ।

(C) କେଉଁ ଉପାୟରେ ସ୍ୱାଧୀନତା ଲାଭ କଲେ ତାହା ଚିରଞ୍ଜୀବି ହୁଏ ?

(D) କନଫୁସିଅସ୍‌ଙ୍କ ଗ୍ରନ୍ଥ ଧ୍ୱଂସ କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ ?

46. କେଉଁଟି ତାତ୍ତ୍ୱିକ ପଠନର ଉଦ୍ଦେଶ୍ୟ ନୁହେଁ ?

(A) ନୂତନ ଓ କ୍ଲିଷ୍ଟ ଶବ୍ଦ ପରିଚିତି (B) ଭାଷାଗତ କୌଶଳ ହାସଲ

(C) ମନୋରଞ୍ଜନ (D) ବ୍ୟାକରଣ ଜ୍ଞାନର ଅଭିବୃଦ୍ଧି

47. କେଉଁ ମୂଲ୍ୟାୟନ ପାଠ୍ୟକ୍ରମ ମଧ୍ୟରେ ସୀମିତ ନୁହେଁ ?

(A) ଗଠନମୂଳକ ମୂଲ୍ୟାୟନ (B) ଉପଲବ୍ଧି ପରୀକ୍ଷଣ

(C) ପ୍ରବୀଣତା ପରୀକ୍ଷଣ (D) ଏକକ ପରୀକ୍ଷଣ

48. ବ୍ୟାକରଣ ଶିକ୍ଷାଦାନପାଇଁ କେଉଁ ପ୍ରଣାଳୀଟି ଅଧିକ ଉପଯୋଗୀ ?

(A) ଅବରୋହ ପ୍ରଣାଳୀ (B) ଆରୋହ ପ୍ରଣାଳୀ

(C) ପାଠ୍ୟପୁସ୍ତକ ପ୍ରଣାଳୀ (D) ମୁଖସ୍ଥ ପ୍ରଣାଳୀ

49. ବିଭିନ୍ନ ବୟସର ଶିକ୍ଷାର୍ଥୀମାନଙ୍କପାଇଁ ମାତୃଭାଷା ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ଥିର କଲାବେଳେ କାହା ଉପରେ ଗୁରୁତ୍ୱ ଦେବାକୁ ପଡ଼ି ନ ଥାଏ ?

(A) ରୁଚି (B) ପସନ୍ଦ

(C) ଅପସନ୍ଦ (D) ଆର୍ଥିକ ସ୍ଥିତି

50. 'ସ୍ୱାର୍ଥ ସାଧନ ପରେ ଆଗ୍ରହ କମିଯିବା' ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି ବାଛ ।

(A) ଚକେ ଗଲେ ବାରହାତ (B) ଅତିଭକ୍ତି ଚୋରର ଲକ୍ଷଣ

(C) ବାହା ସରିଲେ ବେଦୀ ମୁହଁ ପୋଡ଼ା (D) ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ

51. କେଉଁ ପଦ୍ଧତିଟି ପଠନଶିକ୍ଷାଦାନପାଇଁ ଉପଯୁକ୍ତ ବିବେଚିତ ହୁଏ ନାହିଁ ?

(A) ବର୍ଣ୍ଣାନୁକ୍ରମିକ ପଦ୍ଧତି (B) ଶବ୍ଦକ୍ରମିକ ପଦ୍ଧତି

(C) ବାକ୍ୟପଠନ ପ୍ରଣାଳୀ (D) ଗଳ୍ପପଠନ ପ୍ରଣାଳୀ

52. କେଉଁଟି କବିତା ଶିକ୍ଷାଦାନର ଉଦ୍ଦେଶ୍ୟ ନୁହେଁ ?

(A) ସୌନ୍ଦର୍ଯ୍ୟବୋଧର ବିକାଶ (B) ଯୁକ୍ତିଶକ୍ତିର ଅଭିବୃଦ୍ଧି

(C) ଆନନ୍ଦପ୍ରାପ୍ତି (D) କଳ୍ପନାଶକ୍ତିର ବିକାଶ

53. କେଉଁ ଉପାୟଟି ବର୍ଣ୍ଣାଶୁଦ୍ଧି ନିରାକରଣପାଇଁ ଉପଯୋଗୀ ନୁହେଁ ?

(A) ସରଳ ରଚନା ଲିଖନ (B) ଦୃଷ୍ଟ ଲିଖନ

(C) ବନାନ ଖେଳ (D) ଅଭିଧାନର ବ୍ୟବହାର

54. ଲିଖିତ ମୂଲ୍ୟାୟନ ଧାରା ଛାତ୍ରଛାତ୍ରୀଙ୍କର କେଉଁ ଦକ୍ଷତାର ପରିମାପକ ନୁହେଁ ?

(A) ବୋଧଶକ୍ତି (B) ଚିନ୍ତାଶକ୍ତି

(C) ଯୁକ୍ତିଶକ୍ତି (D) ଭାବ ବିନିମୟ ଦକ୍ଷତା

55. ବହୁଭାଷୀ ସମସ୍ୟା ଦୂରକରିବାପାଇଁ କେଉଁଟି ଉପଯୋଗୀ ନୁହେଁ ?

(A) ଶିକ୍ଷାର୍ଥୀଙ୍କ ଘରର ଭାଷା ଉପରେ ଗୁରୁତ୍ୱ

(B) ଆଞ୍ଚଳିକତା ଉପରେ ଗୁରୁତ୍ୱ

(C) ଓଡ଼ିଆ ଲିପିରେ ଶିକ୍ଷାର୍ଥୀଙ୍କ ଘରର ଭାଷାର ଲିଖନ ଶିକ୍ଷା

(D) ଓଡ଼ିଆ ଭାଷାରେ ଶିକ୍ଷାଦାନ

**ନିମ୍ନ ପ୍ରଦତ୍ତ କବିତାଟି ପାଠକରି ତଳେ ଦିଆଯାଇଥିବା ପ୍ରଶ୍ନ (ନଂ 56 ରୁ ନଂ 60 ) ଗୁଡ଼ିକର ଉତ୍ତର ଦିଅ :**

ବିରହୀ ଯକ୍ଷର ବାର୍ତ୍ତା

ବକ୍ଷପରେ ଆଙ୍କି ରଖି ଘନ

ଆସିଛ କି ପକ୍ଷେ ତବ

ସାଉଁଲାଇ ଭୂଧର ଗଗନ ।

ଯିବସେ ଅଳକାପୁରେ,

କାନ୍ଦେ ଯହିଁ ଯକ୍ଷ ବିରହିଣୀ;

ଗାଲେ ହାତ, ଭାଲେ ସ୍ୱେଦ,

ବୁକେ ତିକ୍ତ ବିଳାପ ରାଗିଣୀ ?

କର୍ପୂର ଚନ୍ଦନ ବୋଳେ,

ଯାଉନି ତା ବେଦନା ଅମାପ,

ତୁମର ଶୀକର ଘନ,

ମୁଞ୍ଚିକି ହେ ପାରିବ ସେ ତାପ ?

ଏତେ ଦିନ ଥିଲ କାହିଁ ?

ସିନ୍ଧୁ ପାରେ କେଉଁ ସାଗରିକା

ମେଲିଲା କି ବେଳା ତଟ-

ଶୈଳେ ବନେ ପ୍ରୀତି-ମରୀଚିକା ?

ସେ ଦୂର ବେଳାରେ ଘନ,

ତାହା ସଙ୍ଗେ ଖେଳି ଲୁଚୁକାଳି

କଟାଇଲ ପଞ୍ଚ ଋତୁ

ସିକ୍ତ କରି ସ୍ୱର୍ଣ୍ଣ-ସିନ୍ଧୁ ବାଲି ?

ଦେଲାନି କି ପ୍ରତିଦାନ

ଘନ ତବ ମଧୁ ସୋହାଗର,

ମେଲାଣିକି ନେଇ ତେଣୁ

ଫେରିଅଛ କୋପ ଜରଜର ?

56. ଘନର ପକ୍ଷ ପର୍ବତ ଓ ଆକାଶକୁ କ'ଣ କରିଛି ?

(A) ଆଘାତ କରିଛି

(B) ଜଳଦାନ କରିଛି

(C) ଯକ୍ଷର ବାର୍ତ୍ତା ପ୍ରଦାନ କରିଛି

(D) କୋମଳ ସ୍ପର୍ଶ ଦେଇଛି

57. 'ମୁଞ୍ଚିକି ହେ ପାରିବ ସେ ତାପ ?' – ଏଠାରେ କେଉଁ ତାପ୍ କଥା କୁହାଯାଇଛି ?

(A) ବିରହ (B) ଗ୍ରୀଷ୍ମ

(C) ସୂର୍ଯ୍ୟ (D) ଅଗ୍ନି

58. ବିରହିଣୀ ବେଦନା ଦୂରକରିବାପାଇଁ କି ଉପଗ୍ଚର କରେ ?

(A) ଔଷଧ ସେବନ କରେ (B) କର୍ପୂର ଚନ୍ଦନର ବୋଳ ଲଗାଏ

(C) ଗାଲରେ ହାତ ଦେଇ ବସେ (D) ବିଳାପ କରେ

59. କାହା ପ୍ରୀତିରେ ଘନ ପଞ୍ଜରତୁ ଅଟକି ରହିଥିଲା ?

(A) ସାଗରର (B) ବେଳାଭୂମିର

(C) ସାଗର କନ୍ୟାର (D) ଶୈଳ ଓ ବନର

60. କେଉଁ କାରଣରୁ ଘନ କ୍ରୋଧ ଜର୍ଜରିତ ହୋଇ ଫେରି ଆସିଛି ?

(A) ପ୍ରେମର ପ୍ରତିଦାନ ନ ପାଇବାରୁ (B) ଧରଣୀର ଦୁଃଖ ଦେଖି

(C) ଗ୍ରୀଷ୍ମର ତାପନାଶପାଇଁ (D) ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାପାଇଁ

## ENGLISH

Read the passage given below and answer the questions ( **61** to **65** ) that follow choosing the correct alternatives given :

Science is a systematic study of the materials and the phenomena of the natural world. There are several branches of science. The science of chemistry deals with the compositions of materials and the changes that can take place in them. Chemistry had its beginnings in very olden times. In studying the great river valley civilizations, scholars have found evidence to show that the processes of chemistry were known to the people in olden times. The ancient Egyptians, Hindus and Chinese were interested in the preparation of medicines and perfumes and in metal work and pottery. These activities required the application of their knowledge of chemistry.

Chemistry during the Middle Ages was not a pursuit of knowledge for its own sake. Its aims were more practical. There was a belief among the people that 'base metals' like lead and copper could be converted into the noble metal, gold. The 'philosopher's stone' was supposed to have the power to bring about this change.

61. Chemistry deals with the
    - (A) use of materials
    - (B) changes of materials
    - (C) constituents of materials and the changes that occur in them
    - (D) use of materials and their working process

62. ................ the river valley civilization provided the scholars with the evidence that the process of chemistry was known to the people in olden times.
    - (A) Interest in
    - (B) The study of
    - (C) An estimate of
    - (D) Much thinking about

63. The philosopher's stone was meant for
    - (A) examining base metals
    - (B) detecting noble metals
    - (C) changing base metals into gold
    - (D) pursuit of knowledge



( Turn over )

64. Science is .................... study of materials and phenomena of the natural world.

(A) a systematic (B) an extensive

(C) an interesting (D) an attractive

65. In the expression 'phenomena of the natural world', the word 'phenomena' means

(A) experience (B) knowledge

(C) an observed event (D) real objects and happenings

66. Dictation tests the skill of

(A) listening (B) listening and speaking

(C) listening and writing (D) reading

67. Using the target language without the help of mother tongue is

(A) Direct method of teaching

(B) Translation method

(C) Structural method of teaching

(D) Bilingual method

68. Students explore meaning and information

(A) after silent reading (B) during silent reading

(C) before silent reading (D) during extensive reading

69. Silent reading is a

(A) Pre-reading activity (B) While-reading activity

(C) Post-reading activity (D) Lesson-planning activity

70. In order to write more creatively one should

(A) listen to people (B) read good books

(C) keep on writing (D) speak to many people

71. Reading is a process of information transfer from

(A) text to the reader (B) text to text

(C) the reader to reader (D) the reader to listener

2. When young learners are taught to improve their spelling and pronunciation, they will

(A) improve their accuracy (B) enhance their fluency

(C) nurture their creativity (D) sharpen their listening skill

73. Aesthetic sense is developed through

(A) prose (B) composition

(C) grammar (D) poetry

74. Non-detailed prose develops ................. reading.

(A) extensive (B) intensive

(C) critical (D) appreciative

75. The natural order of language skill is

(A) listening, reading, speaking, writing

(B) listening, speaking, reading, writing

(C) speaking, listening, reading, writing

(D) listening, speaking, writing, reading

76. The student is ignorant ................. the first rules of grammar.

(A) of (B) in

(C) at (D) with

77. We made him ............. here.

(A) to come (B) to coming

(C) coming (D) come

78. State which of the following is grammatically acceptable.

(A) I said goodbye to them regretfully at the station yesterday

(B) I said goodbye to them at the station regretfully yesterday

(C) I said goodbye to them regretfully yesterday at the station

(D) I said goodbye to them yesterday regretfully at the station

Which of the following sentences is correctly punctuated ?

(A) The speaker said, please, lend me your ears.

(B) The speaker said please, lend me your ears.

(C) The speaker said, "Please ! lend me your ears."

(D) The speaker said, "Please lend me your ears."

). He told me that he ................ the work.

(A) will finish

(B) had finished

(C) has finished

(D) has been finishing

My father taught me grammar.

Its passive voice is

(A) I had been taught grammar by my father

(B) I was taught grammar by my father

(C) Grammar is taught me by my father

(D) Grammar had been taught to me by my father

Ram said to Gopal, "I visited that place three months ago".

The above sentence can be reported as

(A) Ram told Gopal that he visited that place two months before

(B) Ram told Gopal that he visited that place two months ago

(C) Ram told to Gopal that he had visited that place two months before

(D) Ram told Gopal that he had visited that place two months before

State which of the following is grammatically acceptable.

(A) It is time the train left

(B) It is time the train should leave

(C) It is time the train will leave

(D) It is time the train leaves

84. State which of the following is grammatically acceptable.

(A) The cloth is sold by a metre

(B) The cloth is sold by the metre

(C) The cloth is sold by metre

(D) The cloth is sold by an metre

85. A person who tells the future by the stars is called an

(A) astronaut (B) astronomer

(C) astrologer (D) ascetic

Read the poem given below carefully and answer the questions ( **86** to **90** ) that follow choosing the correct alternatives given :

Happy the man, whose wish and care
A few paternal acres bound,
Content to breathe his native air
In his own ground.
Whose herds with milk, whose fields with bread,
Whose flocks supply him with attire,
Whose trees in summer yield him shade,
In winter fire.
Blest, who can unconcern'dly find
Hours, days, and years slide soft away,
In health of body, peace of mind,
Quiet by day,
Sound sleep by night; study and ease,
Together mixt; sweet recreation :
And innocence, which most does please
With meditation.
Thus let me live, unseen, unknown,
Thus unlamented let me die,
Steal from the world, and not a stone
Tell where I lie.



( Turn over )

86. The poet is here speaking about the happy life of

(A) mankind in general (B) the modern man in particular

(C) himself (D) a peasant

87. A man, according to the poet, should live ............... to be happy.

(A) in his native place (B) in a city

(C) in a quiet place (D) on a foreign farm

88. The happy man has ............ by night.

(A) disturbed sleep (B) anxious moments

(C) sound sleep (D) sweet dreams

89. The poet wishes to die

(A) unseen (B) unknown

(C) unlamented (D) unheard

90. The expression 'steal from the world' means

(A) passing away secretly and quietly

(B) dying with a lot of mourning

(C) passing time very quietly

(D) living with peace of mind

## ଗଣିତ ଓ ବିଜ୍ଞାନ

## MATHEMATICS & SCIENCE

91. ଶ୍ରେଣୀଗୃହରେ ଶିକ୍ଷକ ଚିତ୍ର ଅଙ୍କନ କରି ସବୁଜ ପତ୍ରର କାର୍ଯ୍ୟ ବର୍ଣ୍ଣନା କଲେ । ହରିତ୍‌ଲବକ, ଆଲୋକପ୍ରକ୍ରିୟା ଓ ଅନ୍ଧକାର ପ୍ରକ୍ରିୟାର ଚାର୍ଟ ଦେଖାଇ ଆଲୋକଶ୍ଳେଷଣ କିପରି ହୁଏ ବୁଝାଇଲେ । ତା ପରେ ଏ ସମ୍ପର୍କିତ ସି.ଡି. ଦେଖାଇଲେ । ଏ ସବୁ କେଉଁ ଶିକ୍ଷଣ ପଦ୍ଧତି ଅନ୍ତର୍ଭୁକ୍ତ ?

(A) ପର୍ଯ୍ୟବେକ୍ଷଣ

(B) ପ୍ରଦର୍ଶନମୂଳକ

(C) ପ୍ରକଳ୍ପ

(D) ସମସ୍ୟା ସମାଧାନ

92. ଭୂତାଣୁମାନେ କ'ଣ ?

(A) ଅବିକଳ୍ପୀ ପରଜୀବୀ

(B) ଅବିକଳ୍ପୀ ମୃତଜୀବୀ

(C) ଆଂଶିକ ପରଜୀବୀ

(D) ବିକଳ୍ପୀ ପରଜୀବୀ

93. ଉତ୍ସ୍ୱେଦନ ପ୍ରଣାଳୀରେ କେଉଁ ପ୍ରକ୍ରିୟା ମୁଖ୍ୟତଃ ସମ୍ପୃକ୍ତ ?

(A) ନିରୋଧ

(B) ଶ୍ୱସନ

(C) ପାରସୃତି ଚାପ

(D) ବିସରଣ

91. Teacher explained the functions of green leaf in the class by drawing diagrams. He explained how photosynthesis takes place by showing the chart of chlorophyll, light reaction and dark reaction. Then, he showed CD relating to it. What type of teaching method is it ?

(A) Observation

(B) Demonstration

(C) Project

(D) Problem solving

92. What are viruses ?

(A) Obligate parasites

(B) Obligate saprophytes

(C) Partial parasites

(D) Facultative parasites

93. Which is the process mainly involved in transpiration ?

(A) Inhibition

(B) Respiration

(C) Osmotic pressure

(D) Diffusion

94. କେଉଁ ପ୍ରଣାଳୀରେ ମୃତ୍ତିକାକ୍ଷୟ ରୋକାଯାଇ ପାରିବ ?

(A) ଜଙ୍ଗଲ କ୍ଷୟ

(B) ବନୀକରଣ

(C) ଅତ୍ୟଧିକ ଗୋଚାରଣ

(D) ଉଦ୍ଭିଦଜଗତର ଅପସାରଣ

95. କେଉଁ ପ୍ରକାର ମାଟି କପା ଚାଷ ପାଇଁ ଅଧିକ ଉପଯୋଗୀ ?

(A) ପଟୁ

(B) କଳା

(C) ଲାଲ୍

(D) ମାଙ୍କଡ଼ା

96. କେଉଁ ଅମ୍ଳଯୋଗୁଁ ବାକୁଲା ମାରିଥାଏ ?

(A) ସାଇଟ୍ରିକ୍

(B) ଲାକଟିକ୍

(C) ପାଇରୁଭିକ୍

(D) ଅକ୍‌ଜାଲିକ୍

97. କେଉଁ ଅଞ୍ଚଳରେ ନଡ଼ିଆ ଓ ଝାଉଁଗଛ ବହୁଳଭାବେ ଦେଖାଯାଏ ?

(A) ସମୁଦ୍ର ଉପକୂଳ

(B) ହିମାଳୟ ଅଞ୍ଚଳ

(C) ମେରୁ ଅଞ୍ଚଳ

(D) ମରୁଭୂମି

94. By which process, soil erosion can be prevented ?

(A) Deforestation

(B) Afforestation

(C) Overgrazing

(D) Removal of vegetation

95. Which type of soil is more useful for cultivation of cotton ?

(A) Alluvial

(B) Black

(C) Red

(D) Laterite

96. Which acid does cause cramping ?

(A) Citric

(B) Lactic

(C) Pyruvic

(D) Oxalic

97. In which areas, coconut and casuarina trees are seen in plenty ?

(A) Seashore

(B) Himalayan region

(C) Polar region

(D) Desert

98. ଏକ ଶ୍ରେଣୀକକ୍ଷରେ ଶିକ୍ଷକଙ୍କର ପ୍ରଶ୍ନ ଏବଂ ଛାତ୍ରଛାତ୍ରୀଙ୍କ ଉତ୍ତର ତଳେ ଦିଆଯାଇଛି :

(i) ପ୍ରଶ୍ନ : କପଡ଼ା ଦୋକାନ ଗୁଡ଼ିକରେ କପଡ଼ାର ଦୈର୍ଘ୍ୟ ଓ ପ୍ରସ୍ଥ ମାପିବାପାଇଁ କେଉଁ କେଉଁ ଏକକ ବ୍ୟବହାର କରାଯାଉଛି ?

ଉତ୍ତର : ମିଟର ଓ ସେଣ୍ଟିମିଟର ।

(ii) ପ୍ରଶ୍ନ : ଚାଉଳ, ଡାଲି, ଚିନି ଆଦି ବିକ୍ରିହେଉଥିବା ପାଇକାରି ଦୋକାନ ଗୁଡ଼ିକରେ ଓଜନର କେଉଁ କେଉଁ ଏକକ ବ୍ୟବହାର କରାଯାଉଛି ?

ଉତ୍ତର : କ୍ୱିଣ୍ଟାଲ୍ ଓ କିଲୋଗ୍ରାମ୍ ।

(iii) ପ୍ରଶ୍ନ : ସୁନା ଅଳଙ୍କାର ଦୋକାନଗୁଡ଼ିକରେ ଓଜନର କେଉଁ କେଉଁ ଏକକ ବ୍ୟବହାର କରାଯାଉଛି ?

ଉତ୍ତର : ଗ୍ରାମ୍ ଓ ମିଲିଗ୍ରାମ୍ ।

ଉପରୋକ୍ତ ପ୍ରଶ୍ନ ଏବଂ ଉତ୍ତର ଗୁଡ଼ିକ ଶିକ୍ଷାଦାନର ଲକ୍ଷ୍ୟ ଦୃଷ୍ଟିକୋଣରୁ କେଉଁ କେଉଁ ଶ୍ରେଣୀଭୁକ୍ତ ?

(A) କେବଳ ଜ୍ଞାନଭିତ୍ତିକ

(B) ଉଭୟ ଜ୍ଞାନ ଓ ବୋଧଭିତ୍ତିକ

(C) କେବଳ ପ୍ରୟୋଗଭିତ୍ତିକ

(D) ଉଭୟ ପ୍ରୟୋଗ ଓ କୌଶଳ ଭିତ୍ତିକ

98. Teacher's question and student's answers in a classroom are given below

(i) Question : What units of measurement are being used in a cloth shop to measure the length and breadth of cloth ?

Answer : Metre and centimetre.

(ii) Question : What units of weight are being used in the wholesale shops selling rice, dal, sugar etc.

Answer : Quintal and kilogram.

(iii) Question : What units of weight are being used in gold ornament shops ?

Answer : Gram and milligram.

From instructional objective point of view the above-mentioned questions and answers belong to which categories ?

(A) Only knowledge based

(B) Both knowledge and understanding based

(C) Only application based

(D) Both application and skill based

99. (a) ଗଠନକ୍ଷମ ମୂଲ୍ୟାୟନ ଶିକ୍ଷଣର ଦୁର୍ବଳ ବିନ୍ଦୁଗୁଡ଼ିକୁ ଚିହ୍ନଟ କରିଥାଏ

(b) ଗଠନକ୍ଷମ ମୂଲ୍ୟାୟନ ଶିକ୍ଷାଦାନର ଦୁର୍ବଳ ବିନ୍ଦୁଗୁଡ଼ିକୁ ଚିହ୍ନଟ କରିଥାଏ

(c) ଯଦି ଗଠନକ୍ଷମ ମୂଲ୍ୟାୟନ ନିୟମିତ ଭାବେ କରାଯାଏ ତେବେ ସାମଗ୍ରିକ ମୂଲ୍ୟାୟନର କୌଣସି ଆବଶ୍ୟକତା ନାହିଁ

(d) ଯଦି ସାମଗ୍ରିକ ମୂଲ୍ୟାୟନ ନିୟମିତ ଭାବେ କରାଯାଏ ତେବେ ଗଠନକ୍ଷମ ମୂଲ୍ୟାୟନର କୌଣସି ଆବଶ୍ୟକତା ନାହିଁ ।

*ଉପରୋକ୍ତ ମଧ୍ୟରୁ*

(A) (a), (b) ଓ (c) ଠିକ୍ ଏବଂ (d) ଭୁଲ

(B) (a), (b) ଓ (d) ଠିକ୍ ଏବଂ (c) ଭୁଲ

(C) (a) ଓ (b) ଠିକ୍ ଏବଂ (c) ଓ (d) ଭୁଲ

(D) (a), (b), (c) ଓ (d) ଠିକ୍

99. (a) Formative evaluation diagnoses the weak spots of learning

(b) Formative evaluation diagnoses the weak spots of teaching

(c) If formative evaluation is done regularly, there is no need of summative evaluation

(d) If summative evaluation is done regularly, then there is no need of formative evaluation.

*Out of the above*

(A) (a), (b) and (c) are correct and (d) is wrong

(B) (a), (b) and (d) are correct and (c) is wrong

(C) (a) and (b) are correct and (c) and (d) are wrong

(D) (a), (b), (c) and (d) are correct



*( Continued )*

100. (a) ବିଜ୍ଞାନ ମାନବ ଜାତିର ମଙ୍ଗଳକାରୀ ଅଟେ

(b) ବିଜ୍ଞାନ ମଧ୍ୟ ମାନବଜାତିର ଧ୍ୱଂସକାରୀ ହୋଇପାରେ

(c) ଧ୍ୱଂସକାରୀ ହେଲେମଧ୍ୟ ବିଜ୍ଞାନର ଅଗ୍ରଗତି ଆବଶ୍ୟକ

ଉପରୋକ୍ତ ମଧ୍ୟରୁ

(A) (a) ଠିକ୍ ଓ (b) ଏବଂ (c) ଭୁଲ

(B) (a) ଏବଂ (b) ଠିକ୍ ଓ (c) ଭୁଲ

(C) (c) ଏବଂ (a) ଠିକ୍ ଓ (b) ଭୁଲ

(D) (a), (b) ଓ (c) ଠିକ୍

101. କେଉଁ ଗ୍ରହ ଶୁକ୍ର ଭଳି ପୂର୍ବରୁ ପଶ୍ଚିମକୁ ଘୂର୍ଣ୍ଣନ କରେ ?

(A) ବୃହସ୍ପତି

(B) ଶନି

(C) ଇଉରେନସ୍

(D) ବୁଧ

100. (a) Science is for the welfare of mankind

(b) Science may also be for the destruction of the mankind

(c) Despite its destructive nature the progress of science is essential

*Out of the above*

(A) (a) is correct and (b) and (c) are wrong

(B) (a) and (b) are correct and (c) is wrong

(C) (c) and (a) are correct and (b) is wrong

(D) (a), (b) and (c) are correct

101. Which planet rotates from east to west like Venus ?

(A) Jupiter

(B) Saturn

(C) Uranus

(D) Mercury

102. ଏକ 50 କେଜି ବିଶିଷ୍ଟ ପଥର ଖଣ୍ଡ 2·0 ମିଟର ଲମ୍ବ ଏବଂ 0·5 ମିଟର ଉଚ୍ଚତାବିଶିଷ୍ଟ ଏକ ଆନତ ଚିକ୍କଣ ସମତଳର ଉଚ୍ଚତମ ଭାଗରେ ସ୍ଥିର ରଖାଯାଇଛି । ଯଦି ଏହାକୁ ମୁକ୍ତକରି ଦିଆଯାଏ ଏହା ସମତଳର ନିମ୍ନଭାଗକୁ ଖସିଯିବାପାଇଁ ପ୍ରାୟ କେତେ ସମୟ ନେବ ?

(A) 1·3 s

(B) 2·3 s

(C) 3·3 s

(D) 4·3 s

103. କେଉଁ ମୌଳିକର ଏଲୋଟ୍ରପମାନଙ୍କ ମଧ୍ୟରୁ ଗୋଟିଏ ବିଦ୍ୟୁତର କୁପରିବାହୀ, ଦ୍ୱିତୀୟଟି ଦୁର୍ବଳ ପରିବାହୀ ଏବଂ ତୃତୀୟଟି ଅତି ଉତ୍କୃଷ୍ଟ ପରିବାହୀ ଅଟେ ?

(A) C

(B) P

(C) As

(D) Sb

104. ନିମ୍ନୋକ୍ତ ମଧ୍ୟରୁ କେଉଁଟିରେ ଇଲେକ୍ଟ୍ରନ୍, ପ୍ରୋଟନ୍ ଏବଂ ନିଉଟ୍ରନ୍ ସଂଖ୍ୟା ଭିନ୍ନ ଅଟେ ?

(A) ଆଇସୋଟୋପସ୍

(B) ଆଇସୋବାରସ୍

(C) ଆଇସୋଟୋନସ୍

(D) ଏଲୋଟ୍ରୋପସ୍

102. A 50 kg block of stone rests at the uppermost part of a smooth inclined plane whose length is 2·0 m and height is 0·5 m. Approximately how long will it take for the block to slide to the bottom of the plane when released ?

(A) 1·3 s

(B) 2·3 s

(C) 3·3 s

(D) 4·3 s

103. Out of the allotropes of which element one is an insulator, second one is a poor conductor and third one is a super conductor of electricity ?

(A) C

(B) P

(C) As

(D) Sb

104. In which one of the following the number of electron, proton and neutron are different ?

(A) Isotopes

(B) Isobars

(C) Isotones

(D) Allotropes



( Continued )

105. ନିମ୍ନରେ ପ୍ରଦତ୍ତ ଏଲୟମାନଙ୍କ ମଧ୍ୟରୁ କେଉଁଥିରେ ଏକ ଅଧାତୁ ରହିଛି ?

(A) ପିତ୍ତଳ

(B) ବ୍ରୋଞ୍ଜ୍

(C) କଳଙ୍କହୀନ ଇସ୍ପାତ

(D) ସୋଲ୍‌ଡର

106. ଗାଣିତିକ ସୂତ୍ର ପ୍ରତିପାଦନ ଓ ଏହାର ପ୍ରୟୋଗପାଇଁ କେଉଁ ପଦ୍ଧତିଟି ଅତ୍ୟନ୍ତ ଉପଯୋଗୀ ଅଟେ ?

(A) ବିଶ୍ଳେଷଣ ଓ ସଂଶ୍ଳେଷଣ ପଦ୍ଧତି

(B) ଆରୋହୀ ଓ ଅବରୋହୀ ପଦ୍ଧତି

(C) ପ୍ରକଳ୍ପ ପଦ୍ଧତି

(D) ବକ୍ତୃତା ପଦ୍ଧତି

107. ନିମ୍ନ ପ୍ରଦତ୍ତ ତ୍ରୁଟିମାନଙ୍କ ମଧ୍ୟରୁ କେଉଁଟି ପରୀକ୍ଷଣର ବିଶ୍ୱସନୀୟତା ଗୁଣ ଦ୍ୱାରା ଦୂରୀକରଣ ହୋଇପାରିବ ?

(A) ସ୍ଥିର ତ୍ରୁଟି

(B) ପରିବର୍ତ୍ତନଶୀଳ ତ୍ରୁଟି

(C) ବ୍ୟକ୍ତିଗତ ତ୍ରୁଟି

105. Out of the alloys given below which one contains a non-metal ?

(A) Brass

(B) Bronze

(C) Stainless steel

(D) Solder.

106. Which method is most suitable to establish mathematical formula and its application ?

(A) Analytic and synthetic method

(B) Inductive and deductive method

(C) Project method

(D) Lecture method

107. Which one among the following errors of mathematical testing, can be removed by reliability of the test ?

(A) Constant error

(B) Variable error

(C) Personal error

(D) Technical error

108. କେଉଁଟି ମେଧାବୀ ଶିକ୍ଷାର୍ଥୀମାନଙ୍କପାଇଁ ଗଣିତରେ ସମୃଦ୍ଧ କାର୍ଯ୍ୟକ୍ରମ ନୁହେଁ ?

(A) ଉତ୍ତମ, ଦକ୍ଷ ଓ ତୁରନ୍ତ ପାଠାଗାର ସେବାର ବ୍ୟବସ୍ଥା ଯୋଗାଇ ଦେବା

(B) ଧୀସମ୍ପନ୍ନ ଦତ୍ତକାର୍ଯ୍ୟର ପ୍ରସ୍ତାବ ଆଗତ ମାଧ୍ୟମରେ ସ୍ୱ-ଅଧ୍ୟୟନ ଅଭ୍ୟାସର ବିକାଶ ସାଧନ

(C) ଶ୍ରେଣୀ ଉତ୍ତୀର୍ଣ୍ଣର ବେଗ ବୃଦ୍ଧିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ

(D) ପରିପୂରକ ପଠନ ସାମଗ୍ରୀ, ସହାୟକ ପୁସ୍ତକ ଓ ସାଧାରଣ ସାହିତ୍ୟ ଯୋଗାଇଦେବା

109. ବ୍ଲୁମଙ୍କ ଶ୍ରେଣୀ ବର୍ଗୀକରଣ ଅନୁଯାୟୀ ନିମ୍ନ ପ୍ରଦତ୍ତ କେଉଁଟି ଗଣିତ ଶିକ୍ଷାଦାନର ଜ୍ଞାନାତ୍ମକ ଉଦ୍ଦେଶ୍ୟର ଅଧିକ୍ରମ ଅଟେ ?

(A) ଜ୍ଞାନ, ବୋଧ, ପ୍ରୟୋଗ, ବିଶ୍ଳେଷଣ, ସଂଶ୍ଳେଷଣ ଓ ମୂଲ୍ୟାୟନ

(B) ପ୍ରୟୋଗ, ବୋଧ, ଜ୍ଞାନ, ବିଶ୍ଳେଷଣ, ସଂଶ୍ଳେଷଣ ଓ ମୂଲ୍ୟାୟନ

(C) ବିଶ୍ଳେଷଣ, ସଂଶ୍ଳେଷଣ, ମୂଲ୍ୟାୟନ, ଜ୍ଞାନ, ବୋଧ ଓ ପ୍ରୟୋଗ

(D) ମୂଲ୍ୟାୟନ, ପ୍ରୟୋଗ, ବିଶ୍ଳେଷଣ, ସଂଶ୍ଳେଷଣ, ଜ୍ଞାନ ଓ ବୋଧ

108. Which is not an enrichment programme for gifted students in Mathematics ?

(A) Provision of rich, efficient and prompt library service

(B) Development of self study habits by proposing intelligent assignment

(C) Special provision for acceleration of class promotion

(D) Provision of supplementary reading materials, reference books and general literature

109. Which one of the following is the hierarchical order of cognitive objectives in teaching mathematics according to Bloom's Taxonomy ?

(A) Knowledge, Understanding, Application, Analysis, Synthesis and Evaluation

(B) Application, Understanding, Knowledge, Analysis, Synthesis and Evaluation

(C) Analysis, Synthesis, Evaluation, Knowledge, Understanding and Application

(D) Evaluation, Application, Analysis, Synthesis, Knowledge and Understanding.



( Continued )

110. କେଉଁଟି ଗାଣିତିକ ଯୁକ୍ତିଯୁକ୍ତତାର ଲକ୍ଷଣ ନୁହେଁ ?

(A) ମୌଳିକତା

(B) ସଠିକତା

(C) ସରଳତା

(D) ବ୍ୟକ୍ତିନିଷ୍ଠତା

111. ଗୋଟିଏ ଆୟତକ୍ଷେତ୍ରର କ୍ଷେତ୍ରଫଳ 221 ବର୍ଗମିଟର ଏବଂ ଏହାର ପରିସୀମା 60 ମିଟର, ତେବେ ନିମ୍ନସ୍ଥ ମଧ୍ୟରୁ ଏହାର ଦୈର୍ଘ୍ୟ କେତେ ମିଟର ?

(A) 17

(B) 13

(C) 26

(D) 34

112. ଗୋଟିଏ କାର୍ଯ୍ୟକୁ 25 ଜଣ ଲୋକ ଦୈନିକ 6 ଘଣ୍ଟା ପରିଶ୍ରମ କରି 18 ଦିନରେ ଶେଷ କରନ୍ତି । ସେହି କାର୍ଯ୍ୟକୁ 20 ଜଣ ଲୋକ ଦୈନିକ 5 ଘଣ୍ଟା ପରିଶ୍ରମ କରି କେତେ ଦିନରେ ଶେଷ କରିବେ ?

(A) 20

(B) 22

(C) 24

(D) 27

110. Which one is not a characteristic of mathematical reasoning ?

(A) Originality

(B) Accuracy

(C) Simplicity

(D) Subjectivity

111. Area of a rectangle is 221 sq.metres and its perimeter is 60 metres. Then which of the following one is its length in metre ?

(A) 17

(B) 13

(C) 26

(D) 34

112. 25 persons can finish a work working 6 hours a day in 18 days. In how many days working 5 hours a day, 20 persons can finish the same work ?

(A) 20

(B) 22

(C) 24

(D) 27



*( Turn over )*

113. ଏକ ସୁଷମ ବହୁଭୁଜର ଗୋଟିଏ ବହିଃସ୍ଥ କୋଣର ପରିମାଣ 72° ହେଲେ, ବହୁଭୁଜର ଅନ୍ତଃସ୍ଥ କୋଣମାନଙ୍କର ସମଷ୍ଟି କେତେ ?

(A) 360°

(B) 480°

(C) 352°

(D) 540°

114. 1000 ଟଙ୍କାର 10% ହାରରେ 3 ବର୍ଷର ଚକ୍ରବୃଦ୍ଧି ସୁଧ କେତେ ଟଙ୍କା ହେବ ?

(A) 331 ଟଙ୍କା

(B) 1331 ଟଙ୍କା

(C) 133 ଟଙ୍କା

(D) 313 ଟଙ୍କା

115. $\Delta PQR$ ରେ $\angle QPR$ ସମକୋଣ, $\overline{PS} \perp \overline{QR}$ । $RS$ = 6 ସେ.ମି. ଓ $QS$ = 18 ସେ.ମି. ହେଲେ, $\overline{PR}$ ର ଦୈର୍ଘ୍ୟ କେତେ ?

(A) 8 ସେ.ମି.

(B) 9 ସେ.ମି.

(C) 12 ସେ.ମି.

(D) 14 ସେ.ମି.

113. Measure of an exterior angle of a regular polygon is 72°. What is the sum of measures of all the interior angles of it ?

(A) 360°

(B) 480°

(C) 352°

(D) 540°

114. How much is the compound interest on Rs. 1000 at 10% interest in 3 years ?

(A) Rs. 331

(B) Rs. 1331

(C) Rs. 133

(D) Rs. 313

115. In $\Delta PQR$, $\angle QPR$ is a right angle, $\overline{PS} \perp \overline{QR}$, if $RS$ = 6 cm, $QS$ = 18 cm, how much is $\overline{PR}$ ?

(A) 8 cm

(B) 9 cm

(C) 12 cm

(D) 14 cm

( Continued )

116. ଜଣେ ଦୋକାନୀ ଗୋଟିଏ ବସ୍ତୁର କିଣାଦାମଠାରୁ 20% ଅଧିକ ଦାମ ବସ୍ତୁଟି ଉପରେ ଲେଖିଲେ । ବସ୍ତୁଟି ବିକିବା ବେଳେ ଲିଖିତ ଦାମ ଉପରେ 20% ରିହାତି ନେଇ ବିକିଲେ । ତେବେ ତାଙ୍କର ଶତକଡ଼ା କେତେ ଲାଭ ବା କ୍ଷତି ହେଲା ?

(A) ଲାଭ ବା କ୍ଷତି ନାହିଁ

(B) ଲାଭ 4%

(C) କ୍ଷତି 4%

(D) ଶତକଡ଼ା ଲାଭ ବା କ୍ଷତି ନିର୍ଣ୍ଣୟ ଅସମ୍ଭବ

117. ଯଦି $p(x)$ ଓ $q(x)$ ଦୁଇଟି ପଲିନୋମିଆଲ ହୁଅନ୍ତି, ତେବେ $\{p(x) \times q(x)\}$ ର ଘାତ ନିମ୍ନସ୍ଥ ମଧ୍ୟରୁ କେଉଁଟି ?

(A) $p(x)$ ର ଘାତ × $q(x)$ ର ଘାତ

(B) $p(x)$ ର ଘାତ + $q(x)$ ର ଘାତ

(C) $p(x)$ ର ଘାତ − $q(x)$ ର ଘାତ

(D) $p(x)$ ର ଘାତ ÷ $q(x)$ ର ଘାତ

118. ନିମ୍ନସ୍ଥ କେଉଁଟି ଏକ ସମୀକରଣ ନୁହେଁ ?

(A) $(2x-1)^2 = 2x$

(B) $x^2 - x(3+x) + 3x = 0$

(C) $(x-1)(2x+1) - x(x-1) = 0$

(D) $(2x-3)^2 = (2-3x)^2$

